# Akashvani, Sambalpur

## SAMBALPURI NEWS BULLETIN

### 11 November 2024- 6.47- 6.52 am.

*********************************************

ମୁଖ୍ୟ ବିଚାର୍‌ପତି ଶପଥ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ସୁପ୍ରିମ୍‌କୋର୍ଟ‌ର ୫୧ ନମ୍ବର୍ ପ୍ରଧାନ୍ ବିଚାର୍‌ପତି ଭାବେ ଜଷ୍ଟିସ୍ ସଞ୍ଜିବ୍ ଖାନ୍ନା ଆଏଜ୍ ଶପଥ୍ ଗ୍ରହଣ୍ କର୍‌ବେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଖାଲର୍ ୧୦ ବଜେ ରାଷ୍ଟ୍ରପତି ଭବନ୍ ଠାନେ ହେବାର୍‌କେ ଥିବାର୍ ଉସବ୍‌ଥି ନୂଆଁ ପ୍ରଧାନ୍ ବିଚାର୍‌ପତିଙ୍କୁ ଶପଥ୍ ପାଠ କରାବେ । ପ୍ରଧାନ୍ ବିଚାର୍‌ପତି ଭାବେ ତାଙ୍କର୍ କାର୍ଯ୍ୟକାଳ ଆଏବା ୨୦୨୫ ମେ ୧୩ ତାରିଖ୍‌ତକ୍ ରହେବା । ଇନ ଜନେଇ ଦିଆଯାଇପାରେ ଯେ, ପ୍ରଧାନ୍ ବିଚାର୍‌ପତି ଡି.ୱାଇ. ଚନ୍ଦ୍ରଚୂଡ଼୍ ଇତାର୍‌ଭିତ୍‌ରେ ଅବସର ନେଇଛନ୍ ।

ମୁଖ୍ୟମନ୍ତ୍ରୀ ଝାର୍‌ଖଣ୍ଡ ଗସ୍ତ ଆର୍‌ଏନ୍‌ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଝାର୍‌ଖଣ୍ଡ ଗସ୍ତଥି ଯିବାର୍ କାର୍ଯ୍ୟକ୍ରମ୍ ରହିଛେ । ସେ ଝାର୍‌ଖଣ୍ଡର ସଢ଼େଇକେଲା, ଖର୍‌ସୁଆଁ ଆର୍ ସିଂଭୂମ ନ ମାରାଥନ୍ ସଭା ଆର୍ ରୋଡ୍ ସୋ

କର୍‌ବେ । ସେ ଆଏଜ୍ ରାଉର୍‌କେଲାଠାନେ ପୁହୁଁଚିକରି ଗୁଟେ ସ୍ୱତନ୍ତ୍ର ବିମାନ୍‌ଥି ଝାର୍‌ଖଣ୍ଡ୍ ଯିବେ ବଲି ସୂଚ୍‌ନା ମିଲିଛେ । ଇନ ଜନେଇ ଦିଆଯାଇପାରେ ଯେ, ମୁଖ୍ୟମନ୍ତ୍ରୀ ବିଜେପିର ତାରକା ପ୍ରଚାର ତାଲିକାଥି ରହିଛନ୍ ।

ମୁଖ୍ୟମନ୍ତ୍ରୀଙ୍କର୍ ଜନଶୁଣାଣି ବନ୍ଦ୍          ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ହେବାର୍‌କେ ଥିବାର୍ ମୁଖ୍ୟମନ୍ତ୍ରୀଙ୍କର ଜନଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଇ ବାବ୍‌ଦେ ସାଧାରଣ ପ୍ରଶାସନ୍ ଆର୍ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ହେଲେ ଆଗ୍‌କେ ଅଭିଯାଗ୍ ଶୁଣାଣିର ତାରିଖ୍ ବାବ୍‌ଦେ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯିବା ।

ମୁଖ୍ୟମନ୍ତ୍ରୀ- ଫୁଟ୍‌ବଲ୍          ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ କ୍ରୀଡ଼ାର୍ ଉନ୍ନତିକେ ସର୍‌କାର୍ ବିଶେଷ୍ ଜୋର୍ ଦଉଛନ୍ ଆଉ ଯୁଆନ୍‌ବର୍ଗକେ କ୍ରୀଡ଼ା ଦିଗେ ଅଏତ୍‌କା ତହଁକା ଯାଉଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଓଡ଼ିଶା ଆର୍

ମୋହନ୍ ବାଗାନ୍ ଭିତ୍‌ରେ ଆଇଏସ୍‌ଏଲ୍‌ର ଫୁଟ୍‌ବଲ୍ ମେଚ୍‌ଥି ମୁଖିଆ କୁନୁଆଁ ଭାବେ ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଇଟା କହିଛନ୍ ।

ମହିଳା କୋର୍ଟ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ୪ ଟା ମହିଳା କୋର୍ଟ ପ୍ରତିଷ୍ଠା କରାଯିବା । ମହିଳା ବିରୋଧୀ ହିଂସାର ଦଣ୍ଡବିଧାନ୍ ହାର କେ ନଜର୍‌ଥି ରଖିକରି ଇ ନିଷ୍ପତି ନିଆଯାଇଛେ ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ନୂଆଁ ମହିଳା କୋର୍ଟ ଖୁଲ୍‌ବାର୍ ବାବ୍‌ଦେ ରାଜ୍ୟ ସର୍‌କାର୍ ଉଚ୍ଚନ୍ୟାୟାଳୟକେ ଅନୁରୋଧ୍ କର୍‌ବେ । ଇ କୋର୍ଟମାନ୍‌କେ ମହିଳାମାନ୍‌କର୍ ବାବ୍‌ଦର୍ ସବୁ ଅପରାଧ୍‌ର ବିଚାର୍ ହେବା ବଲି ସେ କହିଛନ୍ । ସେନ୍ତା ଇନ ବିଚାର୍‌ପତି ଆଉ ସର୍‌କାରୀ ଓକିଲ୍ ଭିଲ୍ ମହିଳା ରହେବେ ବଲି ଶ୍ରୀ ହରିଚନ୍ଦନ୍ କହିଛନ୍ ।

ଓଡ଼ିଶା ଇତିହାସ- ଗବେଷଣା ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶାର୍ ପ୍ରକୃତ ଇତିହାସ୍ ଆଉ ଓଡ଼ିଆ ବରପୁତ୍ରମାନ୍‌କର୍ ବିଷେଥି ଜାନ୍‌ବାର୍ ଲାଗି ଗବେଷଣା କରାଯିବା ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଭୁବ୍‌ନେଶ୍ୱର ଜୟଦେବ୍ ଭବନ୍‌ଠାନେ ବିପ୍ଲବୀ ଜୟୀରାଜ୍‌ଗୁରୁଙ୍କର୍ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ୍‌ଥି ସେ କହିଛନ୍ ଯେ ବରପୁତ୍ରମାନ୍‌କର୍ ଜୀବନୀ ସହେତେ ଜୁଡ଼ି ହେଇଥିବା ଠାନ୍‌ର ଐତିହ୍ୟ ସଂରକ୍ଷିତ କରାଯିବା । ବିଶ୍ୱବିଦ୍ୟାଲୟ ନ ବରପୁତ୍ର ମାନ୍‌କର୍ ନାଁଥି ଗୁଟେ ଚେୟାର୍ ପ୍ରତିଷ୍ଠା ଆଉ ଗବେଷଣା ଲାଗି ଶିକ୍ଷା ବିଭାଗ୍‌କେ ଅନୁରୋଧ୍ କରାଯିବା । ହେନ୍ତା ଓଡ଼ିଶାର୍ ଗୁଟେ ମୁଖ୍ୟ ରାସ୍ତାକେ ଜୟୀ ରାଜ୍‌ଗୁରୁଙ୍କର୍ ନାଁଥି ନାମିତ କରାଯିବା ବଲି ଆଇନ୍‌ମନ୍ତ୍ରୀ କହିଛନ୍ । ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ତର୍‌ଫୁ ଇ ରାଜ୍ୟସ୍ତରୀୟ ଜୟନ୍ତୀ ସଭା ଆୟୋଜନ୍ କରାଯାଇଥିଲା ।

ଜାତୀୟ ଶିକ୍ଷା ଦିବସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ଜାତୀୟ ଶିକ୍ଷା ଦିବସ୍ । ଫି’ ବଛର୍ ଆଝିର୍ ଦିନ ଦେଶର୍ ପହେଲା ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ୍ କଲାମ୍ ଆଜାଦ୍‌ଙ୍କର୍ ଜୟନ୍ତୀକେ ମନେ ରଖିବାର୍ ଲାଗି ଇ ଦିବସ୍ ପାଲନ୍

କରାଯାଉଛେ । ସ୍ୱାଧୀନ୍ ଭାରତ୍ ନ ଗାଁ ଗହଲର୍ ଗରିବ୍ ଆର୍ ଟୁକେଲ୍ ମାନ୍‌କୁ ଶିକ୍ଷିତ୍ କର୍‌ବାର୍ ଲାଗି ତାଙ୍କର୍ ମୁଖିଆ ଉଦ୍ଦେଶ୍ ଥିଲା । ସେ ସମିଆଥି ପୌଢ଼ ସାକ୍ଷରତା, ୧୪ ବରସ୍ ବୟସ୍‌ତକ୍ ସବୁ ପିଲା ଟୁକେଲ୍‌ମାନ୍‌କୁ ମାହାଲିଆ ଆର୍ ବାଧତାମୂଲକ୍ ଶିକ୍ଷା ଉପ୍‌ରେ ସେ ଫୋକସ୍ ରଖିଥିଲେ । ବିଶ୍ୱସ୍ତରୀୟ ପ୍ରାଥମିକ ଶିକ୍ଷା, ମାଧ୍ୟମିକ ଶିକ୍ଷାର ବିବିଧତା ଆଉ ଧନ୍ଦାମୂଲକ୍ ତାଲିମ୍‌କେ ସେ ଶିକ୍ଷାମନ୍ତ୍ରୀ ଥିବାର୍ ସମିଆଥି ଜୋର୍ ଦିଆଯାଇଥିଲା ।

ସୁଭଦ୍ରା ଯୋଜ୍‌ନା - ସୂଚ୍‌ନା ଆର୍‌ଏନ୍‌ୟୁ /ସମ୍ବଲପୁର

ସୁଭଦ୍ରା ଯୋଜ୍‌ନାଥି ପଞ୍ଜିକରଣ୍ କରିଥିବାର୍ ଆବେଦନ୍‌କାରୀମାନ୍‌କର୍ ଭିତ୍‌ରୁ, ଯେନ୍‌ମାନ୍‌କର୍ ବେଙ୍କ୍ ଏକାଉଂଟ୍ ବାବ୍‌ଦର୍ ସମସ୍ୟା ରହିଛେ ସେମାନ୍‌କର୍ ତାଲିକା ସୁଭଦ୍ରା ଓ୍ୱେବ୍‌ସାଇଟ୍ ନ ପ୍ରକାଶ୍ କରାଯାଇଛେ । ଇ ତାଲିକା ବ୍ଲକ୍ ପଂଚାୟତ୍ ମ୍ୟୁନିସିପାଲ୍‌ଟି ଆର୍ ଓ୍ୱାର୍ଡ଼ କାର୍ଯ୍ୟାଲୟ ନ ଭିଲ୍ ମିଲୁଛେ । ଯୋଜ୍‌ନାର୍ ପଞ୍ଜିକୃତ ହିତାଧିକାରୀମାନେ ନିଜର୍ ବେଙ୍କ୍ ସହେତେ ଯୋଗାଯୋଗ୍ କରିକରି ଇ ସମସ୍ୟାମାନ୍‌କର୍ ସମାଧାନ୍ କର୍‌ବାର୍‌କେ ମହିଲା ଆଉ ଶିଶୁବିକାଶ୍ ବିଭାଗ୍ ତର୍‌ଫୁ ପରାମର୍ଶ ଦିଆଯାଇଛେ ।

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର-ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ

ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର ଆଂଚଲିକ୍ ସମ୍ବାଦ ବିଭାଗ୍ ତର୍‌ଫୁ ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ୍ କରାଯିବା । ଇଥିର୍‌ଲାଗି ସମ୍ବଲପୁରୀ, ସାନ୍ତାଳି ଆଉ ଦେଶୀୟା ଭାଷା ସମ୍ବାଦ ପାଠକ, କପି ଏଡିଟର୍ ଆର୍ ଭିଡ଼ିଓ ଏଡିଟର୍‌ର ଦରକାର୍ ରହିଛେ । ଉପଯୁକ୍ତ ପ୍ରାର୍ଥୀମାନ୍‌କର୍ ନୁ ଇଥିର୍‌ଲାଗି ଦର୍‌ଖାସ୍ତ ଆହ୍ୱାନ୍ କରାଯାଇଛେ । ଇଚ୍ଛୁକ ପ୍ରାର୍ଥୀ ପ୍ରସାର୍ ଭାରତୀ ୱେବ୍‌ସାଇଟ୍ prasarbharati.gov.in ର ଭେକେନ୍‌ସିଜ୍ ବିଭାଗ୍‌କେ ଯାଇକରି ବିଜ୍ଞାପନ୍‌ର ସବିଶେଷ୍ ବିବରଣୀ ଜାନିପାର୍‌ବେ । ଇ ମାସର୍ ୨୦ ତାରିଖ୍ ଆବେଦନ୍ କର୍‌ବାର୍ ଶେଷ୍ ତାରିଖ୍ ଆଏ ।

ବିର୍ସାମୁଣ୍ଡା ସ୍ମୃତି - ଉଭବ ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶା ନ ପହେଲା ଥରର୍ ଲାଗି ୫ ନମ୍ବର୍ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଜାତୀୟ ସାଂସ୍କୃତିକ, ସାହିତ୍ୟିକ

ଆଉ କଳା ଉତ୍ସବ୍-୨୦୨୪ ଉଭବ ଅନୁଷ୍ଠିତ ହେବା । ଆଏବା କାଏଲ୍‌ନୁ ୧୫ ତାରିଖ୍‌ତକ୍ ଭୁବ୍‌ନେଶ୍ୱର୍ ଠାନେ ରାଜ୍ୟ ଅନୁସୂଚିତ ଜନଜାତି ଆଉ ଅନୁସୂଚିତ ଜାତି ଉନ୍ନୟନ୍ କଲ୍ୟାଣ୍ ବିଭାଗ୍ ତର୍‌ଫୁ ଇ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇଛେ । ନେସ୍‌ନାଲ୍ ଏଜୁକେସନ୍ ସୋସାଇଟି ଫର୍ ଟ୍ରାଇବାଲ୍ ଷ୍ଟୁଡେଟ୍‌ସ୍ ସହାୟତାଥି ହେବାର୍‌କେ ଥିବାର୍ ଇ କାର୍ଯ୍ୟକ୍ରମ୍ ଭଗବାନ ବିର୍ସାମୁଣ୍ଡାଙ୍କର୍ ଶହେ ୫୦ ନମ୍ବର୍ ଜୟନ୍ତୀଥି ତାଙ୍କୁ ମନେ ରଖ୍‌ବାର୍ ଉଦ୍ଦେଶ୍ୟଥି ପାଲନ୍ କରାଯିବା ।

ଓପିଜିସି ଆଧୁନିକୀକରଣ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ୍ ନିଗମ୍ - ଓପିଜିସି ତର୍‌ଫୁ ଝାର୍‌ସୁଗୁଡ଼ା ଜିଲ୍ଲାର୍ ବନ୍‌ହର୍‌ପାଲି ନ ଥିବା ୨ ଶହ ୧୦ ମେଗାୱାଟ୍ କ୍ଷମତାର୍ ୨ ଟା ୟୁନିଟ୍‌ର ନବୀକରଣ୍ ଆର୍ ଆଧୁନିକୀକରଣ୍ କରାଯାଉଛେ । ଇ କାମ୍ ୨୦୨୬ ଜୁନ୍ ମାସ୍‌ତକ୍ ଶେଷ୍ କର୍‌ବାର୍ ଲାଗି ଲକ୍ଷ୍ୟ ଧାରିଜ୍ ହେଇଛେ । ଇ ଆଧୁନିକୀକରଣ୍ ପୁରା ହେଲେ ଇ ଦୁହି ୟୁନିଟ୍‌ର କାର୍ଯ୍ୟକାଳ ୨୦୪୧ ମସିହାତକ୍ ବୃଦ୍ଧି ପାଏବା ।